# ଅଧ୍ୟାୟ ୩

# ଓଡ଼ିଆ ରୂଢ଼ି ଓ ପ୍ରବଚନ

**ଗଠନକ୍ରମ**


୩.୦ ଉଦ୍ଦେଶ୍ୟ
୩.୧ ଉପକ୍ରମଣିକା
ମୂଳପାଠ
୩.୨ ମୂଳପାଠ—(ଖଣ୍ଡ-୧)
୩.୨.୧ ମୂଳପାଠ ଖଣ୍ଡ-୧ ଉପରେ ପ୍ରଶ୍ନ
୩.୩ ମୂଳପାଠ (ଖଣ୍ଡ-୨)
୩.୩.୧ ମୂଳପାଠ ଖଣ୍ଡ-୨ ଉପରେ ପ୍ରଶ୍ନ
୩.୪ ମୂଳପାଠ—(ଖଣ୍ଡ-୩)
୩.୪.୧ ମୂଳପାଠ ଖଣ୍ଡ-୩ ଉପରେ ପ୍ରଶ୍ନ
୩.୪.୨ ସମୁଦାୟ ପାଠ ଉପରେ ପ୍ରଶ୍ନ
୩.୫ ସାରାଂଶ
୩.୬ ଶବ୍ଦାର୍ଥ
୩.୭ ପଠନ ଅଭ୍ୟାସ
୩.୮ ଆତ୍ମ-ପରୀକ୍ଷଣ ପ୍ରଶ୍ନାବଳୀର ଉତ୍ତର
୩.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ


## ୩.୦ ଉଦ୍ଦେଶ୍ୟ

ଭାଷା ମଣିଷର ଅତି ପ୍ରିୟ କାରଣ ଏହି ଭାଷା ମାଧ୍ୟମରେ ହିଁ ସେ ନିଜର ନିତିଦିନିଆ ଟିକିନିଖି ଆବଶ୍ୟକତା ପୂରଣ କରିପାରିବାଠାରୁ ଆରମ୍ଭ କରି ନିଜ ଜାତିର ସାହିତ୍ୟ ସଂସ୍କୃତି ଚଳଣି ଓ ଜୀବନଧାରା ପଦ୍ଧତିକୁ ପ୍ରକାଶ କରିପାରେ ଓ କାଳ କାଳକୁ ସାଇତି ରଖିପାରେ । ଯେଉଁ ଭାଷାର ପ୍ରୟୋଜନୀୟତା ଏତେ ବ୍ୟାପକ ସେଇ ଭାଷା ବିଷୟରେ ଓ ସେଇ ଭାଷାର ବିଭିନ୍ନ ବିଭାଗ ବିଷୟରେ ସମ୍ୟକ୍ ଜ୍ଞାନ ଲାଭ କରିବା ପାଇଁ ତା ମନରେ ସ୍ୱତଃ ଆଗ୍ରହ ଦେଖାଦିଏ । ଯେଉଁ ଭାଷାକୁ ମଣିଷ ଖୁବ୍ ସହଜ ଓ ସରଳ ଭାବରେ ନିଜର ଆବଶ୍ୟକତା ପୂରଣ ପାଇଁ ବ୍ୟବହାର କରିପାରେ କିନ୍ତୁ ତାକୁ ଅନୁଶୀଳନ କରିବା ବେଳେ ଲକ୍ଷ କରାଯାଏ ଯେ ତାହା ସେତେ ସହଜ ବା ସରଳ ନୁହଁ । ତାହା ଏକ ଜଟିଳ ବିଷୟବସ୍ତୁ ଓ ଏହି ଜଟିଳ ବିଷୟବସ୍ତୁର ଅନୁଶୀଳନର ସୁବିଧା ପାଇଁ ଏହାକୁ ବିଭିନ୍ନ ବିଭାଗୀକରଣ କରାଯାଇଛି । ଏହି ପାଠରେ ଓଡ଼ିଆ ଭାଷାର ଏକ ବିଶେଷ ବିଭାଗ ରୂଢ଼ି ଓ ପ୍ରବଚନ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ସବିଶେଷ ସୂଚନା ଦେବାପାଇଁ ଉଦ୍ୟମ କରାଯାଇଛି । ରୂଢ଼ି ଓ ପ୍ରବଚନ କ'ଣ ଓ ଏ ସବୁ ପ୍ରୟୋଗର କି ଆବଶ୍ୟକତା ରହିଛି ସେ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇ ସେମାନଙ୍କର ଭାଷା ବିଷୟକ ଜ୍ଞାନ ବୃଦ୍ଧି କରାଇବା ଏହି ପାଠର ମୂଳ ଉଦ୍ଦେଶ୍ୟ । ଛାତ୍ରଛାତ୍ରୀମାନେ ଏହି ପାଠର ବିଷୟବସ୍ତୁ ସହିତ ନିଜକୁ ପରିଚିତ କରାଇବା ସଙ୍ଗେ ସଙ୍ଗେ ସେମାନେ ନିଜେ କେତେ ପରିମାଣରେ ଏହି ବିଷୟକୁ ଆହରଣ କରିପାରୁଛନ୍ତି ତାହା ଜାଣିବା ପାଇଁ ବିଭିନ୍ନ ବିଷୟବସ୍ତୁଗତ ପ୍ରଶ୍ନାବଳୀ ଓ ବ୍ୟାକରଣଗତ ପ୍ରଶ୍ନାବଳୀ ପ୍ରଦତ୍ତ ହୋଇଛି । ସେମାନଙ୍କର ପଠନ ଓ ଲିଖନ ଦକ୍ଷତା ବୃଦ୍ଧି ପାଇଁ ମଧ୍ୟ ସ୍ୱତନ୍ତ୍ର ଭାବରେ ଧ୍ୟାନ ଦିଆଯାଇଛି । ଏହା ସେମାନଙ୍କର ଜ୍ଞାନ ଆହରଣର କ୍ଷମତା ବୃଦ୍ଧି କରାଇବା ସଙ୍ଗେ ସଙ୍ଗେ ସେମାନଙ୍କର ଭାଷା—ବ୍ୟବହାରର ଦକ୍ଷତା ବୃଦ୍ଧି କରାଇବାରେ ମଧ୍ୟ ସାହାଯ୍ୟ କରିବ ।

## ୩.୧ ଉପକ୍ରମଣିକା

ଭାଷାରେ କେତେକ ଶବ୍ଦ ବା ପଦସଂହତି କୌଣସି ବିଶିଷ୍ଟ ଅର୍ଥରେ ବ୍ୟବହୃତ ହୋଇ

ଭାଷାକୁ ଏକ ଅଭିନବ ସୁଷମା, ବୈଚିତ୍ର୍ୟ ଓ ମର୍ଯ୍ୟାଦା ଦେଇଥାଏ । ଏଗୁଡ଼ିକ ଆଭିଧାନିକ ଅର୍ଥ ସହିତ ସମ୍ପର୍କ ରକ୍ଷା କରି ନଥାଏ । କେତେକ ସ୍ଥଳରେ ଲକ୍ଷ୍ୟାର୍ଥ ଓ କେତେକ ସ୍ଥଳରେ ବ୍ୟଙ୍ଗ୍ୟାର୍ଥ ପ୍ରକାଶ କରିଥାଏ । ଏଭଳି ବିଶିଷ୍ଟ ଅର୍ଥରେ ଶବ୍ଦ ବା ପଦସଂହତିର ପ୍ରୟୋଗକୁ କୁହାଯାଏ ରୂଢ଼ି ପ୍ରୟୋଗ । ଏହି ପ୍ରୟୋଗ ସାଧାରଣତଃ ତିନି ପ୍ରକାର—

୧. କ୍ରିୟାହୀନ ରୂଢ଼ି (ପଦ ସଂହତିରେ କ୍ରିୟା ନଥାଏ)
୨. କ୍ରିୟାଯୁକ୍ତ ରୂଢ଼ି (ପଦ ସଂହତିରେ କ୍ରିୟା ଥାଏ)
୩. ଉପମାଯୁକ୍ତ ରୂଢ଼ି (ପଦ ସଂହତିରେ ଉପମାବାଚକ ପ୍ରୟୋଗ ଥାଏ) ।

ଭାଷାରେ ବ୍ୟବହୃତ ରୂଢ଼ି ଓ ପ୍ରବଚନର ପ୍ରଚଳନ ଏତେ ପୁରୁଣା ଏବଂ ନିତିଦିନିଆ ଯେ ସେ ବିଷୟରେ ସ୍ୱତନ୍ତ୍ର ଭାବରେ ଭାବିବା କଥା ଆମେ କେତେବେଳେ ହେଲେ ଭାବୁ ନାହିଁ । ଏ ସବୁର ପ୍ରଚଳନ ଏପରି ସ୍ୱାଭାବିକ ଏବଂ କଥାବାର୍ତ୍ତାବେଳେ ଭାବପ୍ରକାଶ ପାଇଁ ଏହା ସ୍ୱତଃସ୍ଫୂର୍ତ୍ତ ଭାବରେ ଏପରି ପ୍ରକାଶ ପାଇଯାଏ ବୋଲି ବୋଧେ ଏହାକୁ ଏକ ବିଷୟବସ୍ତୁ କରି ବିଶେଷ ଆଲୋଚନା ହେବାର ବେଶି ଦେଖାଯାଏ ନାହିଁ । କେବଳ ବ୍ୟାକରଣ ବହିରେ ଏଗୁଡ଼ିକର ବ୍ୟବହାର ସୂଚନା ସହିତ କେତେ-ଗୁଡ଼ିଏ ସଂଗ୍ରହ ଦେଖିବାକୁ ମିଳିଥାଏ ମାତ୍ର । ରୂଢ଼ି ଓ ପ୍ରବଚନର ଆରମ୍ଭ କେଉଁଠୁ, ଏହାର ବ୍ୟବହାର ଦ୍ୱାରା ଭାଷାରେ କି ଲକ୍ଷ୍ୟ ସାଧିତ ହୁଏ ଓ କଥାବାର୍ତ୍ତା ବେଳେ କି ପ୍ରୟୋଜନରେ ଏସବୁ କେଉଁ କ୍ଷେତ୍ରରେ ପ୍ରୟୋଗ କରିବାକୁ ପଡ଼େ ଏବଂ ତଦ୍ୱାରା କି ପ୍ରଭାବ ବ୍ୟକ୍ତି ବା ସମାଜ ଉପରେ ପଡ଼ିପାରେ ସେ ବିଷୟରେ ଏହି ପ୍ରବନ୍ଧରେ ସୂଚନା ଦିଆଯାଇଛି । ଅର୍ଥାତ୍ ରୂଢ଼ି ଓ ପ୍ରବଚନକୁ ବିଷୟବସ୍ତୁ କରି ଆଲୋଚନା କଲାବେଳେ ଏ ସବୁର ଉତ୍ପତ୍ତି, ଗଠନ, ବ୍ୟବହାରର ପରିସର ଓ ଭାଷା ଏବଂ ସାହିତ୍ୟ ସହିତ ଏଗୁଡ଼ିକର ସମ୍ପର୍କକୁ ବିଚାର କରାଯାଇଛି । କାରଣ ଭାଷା ଓ ସାହିତ୍ୟ ଯେପରି ପରସ୍ପର ସହିତ ଜଡ଼ିତ, ରୂଢ଼ି ଓ ପ୍ରବଚନ ସେହିପରି ଭାଷା ଓ ସାହିତ୍ୟ ସହିତ ଜଡ଼ିତ ।

ଯୋଉ ଭାଷା ମଣିଷର ଏତେ ପ୍ରିୟ, ଯୋଉ ଭାଷା ବ୍ୟବହାର କରି ମଣିଷ ପରସ୍ପରର ନିକଟତର ହୁଏ ଏବଂ ଯୋଉ ଭାଷା ବିନା ମଣିଷ ଆଜି ଚଳିବା ଅସମ୍ଭବ ସେହି ଭାଷାକୁ ଚିରସ୍ଥାୟୀ କରି ରଖିବା ପାଇଁ ମଧ୍ୟ ପ୍ରୟାସ ହେବା ସ୍ୱାଭାବିକ, ସେହି ଭାଷାର ବିଭିନ୍ନ ବିଭାଗ ବିଷୟରେ ଆଲୋ-ଚନା ତଥା ତଥ୍ୟ ପ୍ରଦାନ କରିବାର ଚେଷ୍ଟା ହେବା ମଧ୍ୟ ସ୍ୱାଭାବିକ । ବର୍ତ୍ତମାନ ଓଡ଼ିଆ ଭାଷାର ବହୁ ବିଭିନ୍ନ ବିଭାଗରେ ସ୍ୱତନ୍ତ୍ର ଆଲୋଚନାମାନ ହେଉଥିବା ଦୃଷ୍ଟିରୁ ରୂଢ଼ି ଓ ପ୍ରବଚନ ପରି ଦୁଇଟି ପ୍ରଧାନ ବିଷୟକୁ ବିଷୟବସ୍ତୁ କରି ଆଲୋଚନା କରିବାର ସମୟ ଆସିଛି ।

ଏ ବିଷୟରେ ଅଧିକ ଜାଣିବା ପାଇଁ ନିମ୍ନଲିଖିତ ପୁସ୍ତକଗୁଡ଼ିକର ସାହାଯ୍ୟ ମଧ୍ୟ ନିଆଯାଇ-ପାରେ ।

୧. ସର୍ବସାର ବ୍ୟାକରଣ—ଶ୍ରୀଧର ଦାସ
୨. ବ୍ୟାକରଣ (ନବମ ଓ ଦଶମ ଶ୍ରେଣୀ)—ପ୍ରକାଶକ : ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

## ୩.୨ ମୂଳପାଠ (ଅଂଶ-୧)

ଭାବ ପ୍ରକାଶ ପାଇଁ ଭାଷା ପ୍ରଧାନ ମାଧ୍ୟମ । ମଣିଷ ପାଇଁ ଏହା ଏକ ଅପୂର୍ବ ସୃଷ୍ଟି । ନିତିଦିନିଆ ସାଧାରଣ କଥାବାର୍ତ୍ତାଠାରୁ ଆରମ୍ଭ କରି ମନର ଗଭୀରତମ ଆବେଗକୁ ଭାଷା ମାଧ୍ୟମରେ ହିଁ ପ୍ରକାଶ କରିହୁଏ । ତେଣୁ ପ୍ରତ୍ୟେକ ଭାଷା ପ୍ରତ୍ୟେକ ନିର୍ଦ୍ଦିଷ୍ଟ ଭାଷାର ଲୋକଙ୍କର ଅମୂଲ୍ୟ ସମ୍ପଦ । ଏହି ଭାଷା ସମ୍ପଦର ଦୁଇଟି ପ୍ରଧାନ ଅଂଶ ସେଇ ଭାଷାରେ ବ୍ୟବହୃତ ରୂଢ଼ି ଓ ପ୍ରବଚନ । ସାଧାରଣ ଲୋକେ କଥା କହିଲାବେଳେ ଯଥା ସ୍ଥାନରେ ଉପଲକ୍ଷ୍ୟ ଦେଇ ବା ଉଦାହରଣ ଛଳରେ ବହୁ ଗୁରୁତ୍ୱପୂର୍ଣ୍ଣ ଓ ଜଟିଳ ଭାବନାକୁ ତଥା ଅନୁଭବକୁ ଅତି ସହଜ ଓ ସ୍ୱାଭାବିକ ଭାବରେ ପ୍ରକାଶ କରି ଦିଅନ୍ତି । ରୂଢ଼ି ଓ ପ୍ରବଚନ ବ୍ୟବହାରରେ ଭାବ ପ୍ରକାଶ କରିବା ସହଜ ହେବା ସଙ୍ଗେ ସଙ୍ଗେ ଭାଷାର ସ୍ୱାତନ୍ତ୍ର୍ୟ ଓ ମୌଳିକତା ରକ୍ଷା ପାଏ । ଏଗୁଡ଼ିକର ପ୍ରୟୋଗ ଦ୍ୱାରା ମୁଖ୍ୟତଃ ଦୁଇଟି ଉଦ୍ଦେଶ୍ୟ ସାଧିତ ହୋଇଥାଏ । ପ୍ରଥମ ଉଦ୍ଦେଶ୍ୟଟି ହେଲା ଭାଷାଗତ । ଅର୍ଥାତ ରୂଢ଼ି ଓ ପ୍ରବଚନ ବ୍ୟବହାରରେ ଭାଷା ସମୃଦ୍ଧ ହୁଏ, ଭାବ ପ୍ରକାଶ ପାଇଁ ଭାଷାର ଅନ୍ତର୍ନିହିତ ଶକ୍ତି ବୃଦ୍ଧି ପାଏ ଓ ଭାଷାରେ ଏକ ପ୍ରକାର ଛନ୍ଦମୟ କବିତା-ଧର୍ମୀ ସୌନ୍ଦର୍ଯ୍ୟ ପ୍ରକାଶ ପାଏ । ଦ୍ୱିତୀୟ ଉଦ୍ଦେଶ୍ୟଟି ଅଧିକ ବ୍ୟାପକ ଓ ସଂସ୍କାରଧର୍ମୀ । ଅର୍ଥାତ ଯେଉଁ ବିଷୟ ବା ଘଟଣାକୁ ଉପଲକ୍ଷ୍ୟ କରି ଏହାର ପ୍ରୟୋଗ ହୋଇଥାଏ ତାହାର ମୂଳ ଉଦ୍ଦେଶ୍ୟ, ଦୋଷ

ବା ଗୁଣର ଅବତାରଣା କରି ନୀତିଗତ ପରିବର୍ତ୍ତନ ଆଣିବା ଓ ଦୋଷ ସଂଶୋଧନ ଜରିଆରେ ବିଭିନ୍ନ ସଂସ୍କାର ଘଟାଇବା ।

ଓଡିଆ ଭାଷାରେ ଅସଂଖ୍ୟ ରୂଢ଼ି ଓ ପ୍ରବଚନର ବ୍ୟବହାର ଦେଖିବାକୁ ମିଳେ । ଓଡିଆ ବ୍ୟାକରଣ ବିହିମାନଙ୍କରେ ଓଡ଼ିଆ ରୂଢ଼ି ପ୍ରୟୋଗର ବହୁ ଉଦାହରଣ ଥିବା ଦେଖାଯାଏ । ଯେତେବେଳେ କୌଣସି ନିର୍ଦ୍ଦିଷ୍ଟ ବାକ୍ୟାଂଶ ବା ଶବ୍ଦ ସନ୍ଧି ବ୍ୟବହାର ଦ୍ୱାରା ସେଥିରେ ପ୍ରକାଶ ପାଉଥିବା କଥାର ଅର୍ଥ କୌଣସି ବିଶେଷ ଗୂଢ଼ ଅର୍ଥ ପ୍ରକାଶ କରେ ତାକୁ ରୂଢ଼ି ପ୍ରୟୋଗ ବୋଲି କୁହାଯାଏ । କେହି କେହି ଏହି ବିଶେଷ ଅର୍ଥ ପ୍ରୟୋଗକୁ ରୂଢ଼ି କହୁଥିଲାବେଳେ କେହି କେହି ଏହାକୁ ରୂଢ଼ ବୋଲି ମଧ୍ୟ କହିଥାନ୍ତି । ରୂଢ଼ି ଲୋକଙ୍କ କହିବା କଥାରୁ, ଭାବପ୍ରକାଶର ଆବଶ୍ୟକତାରୁ ଏବଂ ଅନୁଭୂତିରୁ କାଳକ୍ରମେ ପ୍ରଚଳନକୁ ଆସିଥାଏ । ଏଣୁ ରୂଢ଼ିର ଉତ୍ପତ୍ତି କଥିତ ଭାଷାରୁ ବୋଲି କହିବା ଭୁଲ ହେବ ନାହିଁ । କାରଣ କଥା କହିଲାବେଳେ ଲୋକେ ନିଜ ଭାବ ତଥା ଅନୁଭୂତିକୁ ପ୍ରକାଶ କରିବା ପାଇଁ ଅନେକ ସମୟରେ ଭାଷାର ଗଠନ ନିୟମ ବା ବ୍ୟାକରଣର ନିୟମକୁ ଅତିକ୍ରମ କରିଯାଆନ୍ତି । ଫଳରେ କଥା କହିଲାବେଳେ ରୂଢ଼ି ପ୍ରୟୋଗରେ ଭାଷାର ଗଠନ ନିୟମ ବେଳେବେଳେ ଲଙ୍ଘନ ହେଲେ ମଧ୍ୟ ତାହା ପ୍ରକାଶିତ ଭାବକୁ ବିଶେଷ ଅର୍ଥ ପୂର୍ଣ୍ଣ କରି ପ୍ରକାଶ କରିବାକୁ ସକ୍ଷମ ହୋଇ ପାରୁଥିବା ଦୃଷ୍ଟିରୁ ସେହି ପ୍ରୟୋଗକୁ ଭାଷାରେ ଗ୍ରହଣ କରି ନିଆଯାଏ । ସମ୍ପୂର୍ଣ୍ଣ ଭିନ୍ନାର୍ଥବୋଧକ ଶବ୍ଦସନ୍ଧି ଦ୍ୱାରା, ବିଶେଷ ଅର୍ଥରେ କ୍ରିୟାପଦ ସହିତ ବିଶେଷ୍ୟ ବା ବିଶେଷଣ ପଦ ଯୋଗ କରି ବା ଏକ ବା ଏକାଧିକ ସାଧାରଣ ଅବସ୍ଥା ବା ବିଷୟ ବା କାଳ୍ପନିକ ତଥା ଅବାସ୍ତବ ଅସମ୍ଭବ ବିଷୟକୁ ଅବଲମ୍ବନ କରି ରୂଢ଼ି ପ୍ରୟୋଗ କରାଯାଇଥିବାର ଦେଖାଯାଏ ।

ଓଡିଆ କ୍ରିୟାରେ ରୂଢ଼ି ପ୍ରୟୋଗ କରି ଅସଂଖ୍ୟ ଅର୍ଥ ପୂର୍ଣ୍ଣ କ୍ରିୟାପଦର ବ୍ୟବହାର ଦେଖିବାକୁ ମିଳେ । ଆଖି ଧରିବା, ମାଛ ଧରିବା, ଘର ଭାଙ୍ଗିବା, ପାନ ଭାଙ୍ଗିବା; କଳି ଲାଗିବା; ଭୂତ ଲାଗିବା, ମୁହଁ ଦେବା; ଲାଞ୍ଚ ଦେବା; ମୁଣ୍ଡ ଖାଇବା; ଟଙ୍କା ଖାଇବା ପ୍ରଭୃତିକୁ କ୍ରିୟାର ରୂଢ଼ି ଭାବରେ ଉଲ୍ଲେଖ କରାଯାଇପାରେ । ଏହି କ୍ରିୟାଗୁଡିକରେ ପ୍ରକାଶ ପାଉଥିବା ଆକ୍ଷରିକ ଅର୍ଥ ଏହାର ପ୍ରକୃତ ଅର୍ଥ ନୁହଁ । ଏକ ବିଶେଷ ଅବସ୍ଥାରେ ଏଗୁଡିକର ବିଶେଷ ଅର୍ଥ ହିଁ ପ୍ରକୃତ ଅର୍ଥ ଭାବରେ ପ୍ରୟୋଗ କରାଯାଏ । ଉଦାହରଣ ସ୍ୱରୂପ ମୁଣ୍ଡ ଖାଇବା ବା ଟଙ୍କା ଖାଇବା ଅର୍ଥ ମୁଣ୍ଡ ବା ଟଙ୍କାକୁ ପ୍ରକୃତରେ ଖାଇବା ନୁହଁ, ମୁଣ୍ଡ ଖାଇବା ଅର୍ଥ ଶପଥ ବା ରାଣ ଦେବା ଅର୍ଥରେ ଏବଂ ଟଙ୍କା ଖାଇବା ଅର୍ଥ ଅସତ୍ ଉପାୟରେ ଟଙ୍କା ଅର୍ଜନ କରିବାକୁ ବୁଝାଏ । ଏହାଛଡା ବହୁ ବାକ୍ୟାଂଶ ମଧ୍ୟରୁ କେତୋଟିକୁ ଏଠାରେ ରୂଢ଼ି ପ୍ରୟୋଗର ଉଦାହରଣ ଭାବରେ ନିଆଯାଇପାରେ, ଯଥା—କାଲ ଆଗରେ ମୂଳା ଦେଖାଇବା; ନଈ ନ ଦେଖୁଣୁ ଲଙ୍ଗଳା ହେବା, ଛେନାରୁ ଚେପା ଛଡାଇବା; ନାହିରେ ତେଲ ଦେଇ ଶୋଇବା; ପାଣିରେ ସର ପକାଇବା; ପାନରୁ ଚୂନ ଖସିବା; ଅହି ନକୁଳ ସମ୍ପର୍କ; ଗୋଟିଏ ଗୁଆଳରେ ଗଡ଼ା; ଚୋର ମନ ଚୋର ଗଣ୍ଠିରେ; ନାଟର ଗୋବର୍ଦ୍ଧନ; ବୋଝ ଉପରେ ନଳିତା ବିଡା; ହାଟ ଭିତରେ ବ୍ରହ୍ମଜ୍ଞାନ ପ୍ରଭୃତି । ପୁଣି ଅନ୍ୟ ପ୍ରକାରର ରୂଢ଼ି ପ୍ରୟୋଗ, ଭିନ୍ନ ଅର୍ଥର ଶବ୍ଦସନ୍ଧି ଦ୍ୱାରା, ଯେପରି ବିରାଡି ବୈଷ୍ଣବ; ଉତ୍ତମ ମଧ୍ୟମ; ହାଡେ ହାଡେ ବଦମାସ; ହାଡଭଙ୍ଗା ପରିଶ୍ରମ; ଗୋବର ଗଣେଶ; ସମୁଦ୍ରକୁ ଶଙ୍ଖେ, କଞ୍ଚା ପଇସା, ଅର୍ଦ୍ଧଚନ୍ଦ୍ର; ଅକଲସଲାମି; ଦେହସୁହା ପ୍ରଭୃତିର ଉଦାହରଣ ମଧ୍ୟ ରହିଛି । ଏହି ଉଦାହରଣଗୁଡିକୁ ଲକ୍ଷ୍ୟ କଲେ ଦେଖି ହେବ ଯେ, ଏ ପ୍ରତ୍ୟେକର ଅନ୍ତର୍ନିହିତ ଅର୍ଥ ରହିଛି ଓ ଏଗୁଡିକର ବ୍ୟବହାର କେବଳ ବିଶେଷ ଅର୍ଥପୂର୍ଣ୍ଣ କ୍ଷେତ୍ର ବିଶେଷରେ ହୋଇପାରେ । ପ୍ରତ୍ୟେକ ଭାଷାରେ ଏ ପ୍ରକାର ବ୍ୟବହାର ସେଇ ଭାଷାର ସମ୍ପୂର୍ଣ୍ଣ ନିଜସ୍ୱ ବୈଶିଷ୍ଟ୍ୟ । ଅନ୍ୟ ଭାଷାର ଲୋକ ଏହି ବ୍ୟବହାରଗୁଡିକ ସହିତ ପରିଚିତ ହୋଇ ତାହାର ଅନ୍ତର୍ନିହିତ ଅର୍ଥ ଏବଂ କ୍ଷେତ୍ର ବିଶେଷରେ ଏ ସବୁକୁ ପ୍ରୟୋଗ କରି ନ ଜାଣିଲେ ଭୟଙ୍କର ହାସ୍ୟାସ୍ପଦ ଅବସ୍ଥାରେ ବା ବିପଦରେ ପଡିଯିବାର ଯଥେଷ୍ଟ ସମ୍ଭାବନା ରହିଥାଏ ।

୩.୨.୧ [ଅନୁଶୀଳନୀ (କ) : ଉପର ପରିଚ୍ଛେଦରେ କୁହାଯାଇଥିବା ବିଷୟକୁ ଠିକ ଭାବରେ ବୁଝିପାରିଛନ୍ତି କି ନାହିଁ ଜାଣିବା ପାଇଁ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖି ନିଜକୁ ପରୀକ୍ଷା କରନ୍ତୁ । ଏହି ପ୍ରଶ୍ନଗୁଡ଼ିକର ଉତ୍ତର '୩.୮ ଆତ୍ମ-ପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତରରେ ଦିଆଯାଇଛି । ଏହି ଉତ୍ତରକୁ ମଡେଲ ଭାବରେ ଅନୁସରଣ କରି ଅନୁଶୀଳନୀ ଖ, ଗ, ଓ ଘ ରେ ଦିଆଯାଇଥିବା ପ୍ରଶ୍ନଗୁଡିକର ଉତ୍ତର ନିଜେ ଲେଖନ୍ତୁ ।

ପ୍ରଶ୍ନ ୧. ଭାଷାକୁ ଅମୂଲ୍ୟ ସମ୍ପଦ ବୋଲି କାହିଁକି କୁହାଯାଇଛି ?

୨. ରୂଢ଼ି ଓ ପ୍ରବଚନ ବ୍ୟବହାର କରି ଲୋକେ କ'ଣ ପ୍ରକାଶ କରନ୍ତି ?

୩. ରୂଢ଼ି ଓ ପ୍ରବଚନ ବ୍ୟବହାରର ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ କ'ଣ ?

୪. ରୂଢ଼ି କ'ଣ ଓ ଏହାର ଉତ୍ପତ୍ତି କେଉଁଥିରୁ ହୁଏ ?

୫. ରୂଢ଼ି କାହିଁକି ପ୍ରୟୋଗ କରାଯାଏ ?

୬. ରୂଢ଼ି ପ୍ରୟୋଗ କରି ପାଞ୍ଚୋଟି ଓଡ଼ିଆ କ୍ରିୟା ଲେଖ ।

୭. ରୂଢ଼ି ପ୍ରୟୋଗ କରି ପାଞ୍ଚୋଟି ବାକ୍ୟାଂଶ ଲେଖ ।

୮. ରୂଢ଼ି ପ୍ରୟୋଗ କରି ପାଞ୍ଚୋଟି ଶବ୍ଦସନ୍ଧି ଲେଖ ।

୯. ରୂଢ଼ିର ବ୍ୟବହାର ଠିକ ଭାବରେ ନକରି ପାରିଲେ କି ଅସୁବିଧା ହେବ ?

୧୦. ନିଜେ ଜାଣିଥିବା ଓ ପ୍ରବନ୍ଧରେ ବ୍ୟବହୃତ ହୋଇ ନଥିବା ପାଞ୍ଚୋଟି ରୂଢ଼ି ପ୍ରୟୋଗ ଲେଖ ।]

## ୩.୩ ମୂଳପାଠ (ଅଂଶ-୨)

ଓଡ଼ିଆରେ ପ୍ରବଚନକୁ ଢଗ ବା ପ୍ରବାଦ ଭାବରେ ନାମକରଣ କରାଯାଇଛି । ପ୍ରବାଦ ବା ପ୍ରବଚନ ସାହିତ୍ୟର ଏକ ବିଶେଷ ଅଙ୍ଗ । ରୂଢ଼ିର ସମ୍ପର୍କ ଭାଷା ସହିତ ଅଧିକ ହେବା ବେଳେ ପ୍ରବଚନର ସମ୍ପର୍କ ଭାଷାକୁ ଅତିକ୍ରମ କରି ସାମାଜିକ ବୃହତ୍ତର ପରିସର ଭିତର ଦେଇ ସାହିତ୍ୟର ଅଂଶ ବିଶେଷ ହୋଇଥାଏ । ଏଣୁ ପ୍ରବଚନରେ ଏକ ସମାଜର ବା ଜାତିର ଜୀବନଧାରାର ପ୍ରତିଫଳନ ଦେଖିବାକୁ ମିଳେ ।

ସାଧାରଣତଃ ପ୍ରବଚନଗୁଡ଼ିକୁ ଗୋଟିଏ ଲେଖାଏଁ ଛୋଟ ବାକ୍ୟରେ ବା ଦୁଇ ବା ଗୁଗେଟି କ୍ଷୁଦ୍ର ବାକ୍ୟରେ, ବେଳେ ବେଳେ ଛନ୍ଦ ପତନ କରି ବା ବିନା ଛନ୍ଦ ପତନରେ ସହଜ ଗ୍ରାମ୍ୟ କଥିତ ଭାଷାରେ ବ୍ୟବହାର ବା ପ୍ରକାଶ କରାଯାଏ । ପଦ୍ୟଧର୍ମୀ ପ୍ରବଚନଗୁଡ଼ିକର ବ୍ୟବହାର ଦ୍ୱାରା ଭାଷାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଭାଷାରେ ଏକ ପ୍ରକାର ପଦ୍ୟମୟ ଭାବ ପ୍ରକାଶ ପାଏ ଓ ସେଇ ଭାଷା କାନକୁ ମଧୁର ଶୁଭେ । ସରଳ ଭାବପୂର୍ଣ୍ଣ ଅନୁଭବ ଓ ଜଟିଳ ଅର୍ଥପୂର୍ଣ୍ଣ ଅଭିଜ୍ଞତା ହିଁ ପ୍ରବଚନର ବିଷୟବସ୍ତୁ । ଉଦାହରଣ ସ୍ୱରୂପ କେତୋଟି ପ୍ରବଚନକୁ ଏଠାରେ ଉଲ୍ଲେଖ କରାଯାଇପାରେ ।

୧. କଥା ମାଡ଼ିଲେ ମୋଟ (ଅନୁଭୂତି)
ସୂତା ମାଡ଼ିଲେ ସରୁ

୨. କହି ଜାଣିଲେ କଥା ସୁନ୍ଦର (ସମାଲୋଚନା)
ବାନ୍ଧି ଜାଣିଲେ ମଥା ସୁନ୍ଦର

୩. ଅତି ଚିପୁଡ଼ିଲେ ଲେମ୍ବୁ ପିତା (ଅନୁଭୂତି)

୪. କାଳୀ ଗାଈର ଭିନେ ଗୋଠ (ସ୍ୱଭାବ)

୫. ଗଛର ଛାଇ, ମଣିଷର ହାଇ (ଅନ୍ଧବିଶ୍ୱାସ)
ଯହିଁ ପଡ଼େ ତହିଁ ମିଳାଇ ଯାଇ

୬. କ୍ଷୀରରେ ଧୋଇଲେ; ଖଣ୍ଡରେ ମୋହିଲେ (ସାମାଜିକ ଓ ପାରିବାରିକ ଚଳଣି)
ନିମ କି ମଧୁର ହୋଇବ ?

ଯେତେ ପରକାରେ ବୁଝାଇ କହିଲେ (ଅନୁଭବ)
ପର କି ଆପଣା ହୋଇବ ?

ଓଡ଼ିଆରେ ବ୍ୟବହୃତ ଅସଂଖ୍ୟ ପ୍ରବଚନ ଭିତରୁ ଏ ମାତ୍ର ଛଅଟି । କିନ୍ତୁ ଏ ଛଅଟିକୁ ମାତ୍ର ଲକ୍ଷ୍ୟ କଲେ ବି ଦେଖି ହେବ ଯେ ପ୍ରତ୍ୟେକ ପ୍ରବଚନରେ ଲୋକ ଚରିତ୍ର, ସାଧାରଣ ମଣିଷର ସ୍ୱଭାବ ସାଧାରଣ ଲୋକ ବିଶ୍ୱାସ ଓ ଅନ୍ଧ ସଂସ୍କାର ତଥା ସାମାଜିକ ଚଳଣି, ଜୀବନର ଗଭୀର ଅନୁଭୂତି ଓ ତିକ୍ତ ତଥା ଜଟିଳ ଅଭିଜ୍ଞତାର ବର୍ଣ୍ଣନା ନିହିତ ରହିଛି । ଏଣୁ ଏଗୁଡ଼ିକ ଉପଯୁକ୍ତ କ୍ଷେତ୍ରରେ କଥାର ଲଥା ଅର୍ଥାତ୍ ଉଦାହରଣ ଦେବା ଛଳରେ କଥାବାର୍ତ୍ତା ବେଳେ ବା ଆବେଗପୂର୍ଣ୍ଣ ପରିବେଶରେ ସ୍ୱତଃସ୍ଫୂର୍ତ୍ତ ଭାବରେ ମୁହଁରୁ ବାହାରି ପଡ଼େ ଏବଂ ପ୍ରତ୍ୟେକ ପ୍ରବଚନ ପଛରେ ଏକ ଘଟଣା, ବର୍ଣ୍ଣନା ବା ଉପଲକ୍ଷ୍ୟ ସର୍ବଦା ଜଡ଼ିତ ଥାଏ ।

ପ୍ରବଚନ ବିଷୟରେ ସବୁଠାରୁ ଉଲ୍ଲେଖନୀୟ ହେଉଛି ଏହାର ଭାଷା । ଏ ଭାଷା ଭାବ ପରିପୂର୍ଣ୍ଣ ଓ ଅତି ଚୁମ୍ବକରେ ମନର ଭାବନାକୁ ଅତ୍ୟନ୍ତ ତୀକ୍ଷ୍ଣ ଓ ଗଭୀର ଭାବରେ ଏଥିରେ ପ୍ରକାଶ କରାଯାଏ । ତେଣୁ ପ୍ରବଚନର କଥାଟି ଛୋଟ ହେଉଥିବା ବେଳେ ସେଥିରେ ନିହିତ ଥିବା ଅର୍ଥଟି କିନ୍ତୁ ଖୁବ୍ ବ୍ୟାପକ ହୁଏ କିନ୍ତୁ ଏହାର ଭାଷା ଅତ୍ୟନ୍ତ ସରଳ ଓ କଥିତ ଗ୍ରାମ୍ୟ ଭାଷା । ଭାଷାର ସରଳତା

ଓ ଅନୁଭୂତିର ଗଭୀରତା ପ୍ରବଚନକୁ ତେଣୁ ଅଧିକ ଶକ୍ତିଶାଳୀ ଓ ପ୍ରଭାବଶାଳୀ କରିଥାଏ । ଲୋକ-ମୁଖରେ ଓ ଲୋକସ୍ମୃତିରେ ସଞ୍ଚାରିତ ହୁଏ ବୋଲି ପ୍ରବଚନର ଭାଷା ସରଳ ଓ ପଦ୍ୟଧର୍ମୀ ହୋଇଥାଏ ।

୩. ୩. ୧. [ଅନୁଶୀଳନୀ (ଖ) : ଉପର ପରିଚ୍ଛେଦରେ କୁହାଯାଇଥିବା ବିଷୟକୁ ଠିକ୍ ଭାବରେ ବୁଝିଲେ କି ନାହିଁ ଜାଣିବା ପାଇଁ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖି ନିଜକୁ ପରୀକ୍ଷା କରନ୍ତୁ ।

**ପ୍ରଶ୍ନ :** ୧. ଓଡ଼ିଆ ପ୍ରବଚନକୁ ଅନ୍ୟ କି ନାଁରେ ନାମିତ କରାଯାଏ ?

୨. ରୂଢ଼ି ଓ ପ୍ରବଚନ ମଧ୍ୟରେ ପାର୍ଥକ୍ୟ କ'ଣ ?

୩. ପ୍ରବଚନକୁ କିପରି ପ୍ରକାଶ କରାଯାଏ ?

୪. ପ୍ରବଚନର ବିଷୟବସ୍ତୁ କ'ଣ ?

୫. ପ୍ରବଚନରେ ବ୍ୟବହୃତ ଭାଷାର ବିଶେଷତ୍ୱ କ'ଣ ?

୬. ପ୍ରବଚନର ଭାଷା କାହିଁକି ପଦ୍ୟଧର୍ମୀ ହୋଇଥାଏ ?]

## ୩.୪ ମୂଳପାଠ (ଅଂଶ-୩)

ପ୍ରବଚନର ମୂଳ ଉଦ୍ଦେଶ୍ୟ ହେଲା ସମାଲୋଚନା ଛଳରେ ଦୋଷ ବା ଗୁଣର ଅବତାରଣା କରି ଅନୀତି ସ୍ଥାନରେ ନୀତି, ମିଛ ସ୍ଥାନରେ ସତକୁ ପ୍ରାଧାନ୍ୟ ଦେଇ ପରିବର୍ତ୍ତନ ଆଣିବା । ତେଣୁ ଦୈନନ୍ଦିନ ଜୀବନର ଛୋଟବଡ଼ ଘଟଣାଠାରୁ ଆରମ୍ଭ କରି ଜୀବନ ସହିତ ସମ୍ପୃକ୍ତ ଅସଂଖ୍ୟ ଅନୁଭୂତି ଓ ଅନୁଭବର ବର୍ଣ୍ଣନା ପ୍ରବଚନରେ ପ୍ରକାଶ କରିବା ପ୍ରୟୋଜନ ଥାଏ । ଅନୁଭୂତି ବର୍ଣ୍ଣନା ସମୟରେ ଲୋକଚରିତ୍ର ସଂଶୋଧନ କରି ଦୋଷ ପରିବର୍ତ୍ତେ ଗୁଣକୁ ପ୍ରାଧାନ୍ୟ ଦେଇ ନୀତିଗତ ଭାବରେ ଏକ ଦୋଷଶୂନ୍ୟ ସର୍ବାଙ୍ଗସୁନ୍ଦର ଆଦର୍ଶ ସମାଜ ଗଢ଼ି ତୋଳିବା, ପ୍ରବଚନଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇପାରେ ।

ପ୍ରବଚନ ପରି ଅର୍ଥପୂର୍ଣ୍ଣ କଥାଗୁଡ଼ିକର ମୂଳ କେଉଁଠି ବା ଏ ଗୁଡ଼ିକର ଉତ୍ପତ୍ତି ବିଷୟରେ ସଠିକ ଭାବରେ କିଛି କହିବା ସମ୍ଭବ ନୁହଁ । କେତେକଙ୍କ ମତରେ ଏଗୁଡ଼ିକର ଆରମ୍ଭ ଲୋକ ସାହିତ୍ୟରୁ ଏବଂ ଲିଖିତ ସାହିତ୍ୟ ପ୍ରଚଳନ ହେବାର ବହୁ ପୂର୍ବରୁ ଜନସାଧାରଣଙ୍କ ନିତିଦିନିଆ ଜୀବନରେ ବ୍ୟବହୃତ ଭାଷାର କଥିତ ରୂପରୁ ଏହା କାଳକ୍ରମେ ସୃଷ୍ଟି ହୋଇଛି । ଆଉ କେତେକଙ୍କ ମତରେ ପ୍ରବଚନର ମୂଳ କେଉଁ ସମୟରୁ ହୋଇଛି ତାହା ଜାଣିବା ସମ୍ଭବ ନୁହଁ । ପ୍ରକୃତରେ ଲୋକ-ଜୀବନରୁ ଏବଂ ଭାଷାର କଥିତ ରୂପରୁ ପ୍ରବଚନର ସୃଷ୍ଟି ଏବଂ ଲୋକ ଜୀବନ ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ଥିବାରୁ ଜୀବନର ପରିବର୍ତ୍ତନ ଭିତର ଦେଇ ଏଗୁଡ଼ିକ ଘଷିମାଜି ହେଇ କାଳକ୍ରମେ ପରିବର୍ତ୍ତିତ ରୂପରେ ପ୍ରଚଳିତ ହେଉଥାଏ । ଏଣୁ କୁହାଯାଇପାରେ ଯେ ପ୍ରବଚନ ସବୁ ସ୍ଥାୟୀ ନୁହଁ, ବରଂ ଏଗୁଡ଼ିକ କାଳକ୍ରମେ ଯୁଗ ପରିବର୍ତ୍ତନ ସହିତ ସମତାଳ ରଖି ପରିବର୍ତ୍ତିତ ଓ ପରିବର୍ଦ୍ଧିତ । ତେବେ ପୃଥିବୀରେ ଯେଉଁ କେତେକ ଚିରନ୍ତନ ସ୍ଥାୟୀ ଭାବନା ଓ ଅନୁଭୂତି ରହିଛି ସେଗୁଡ଼ିକ ସହିତ ଜଡ଼ିତ ଥିବା ପ୍ରବଚନକୁ ଦେଶକାଳ ତଥା ଜାତିଧର୍ମ ଭାଷା ନିର୍ବିଶେଷରେ ସ୍ଥାୟୀ ଭାବରେ ପ୍ରଚଳନ ହେବାର ଦେଖିବାକୁ ମିଳିଥାଏ ।

ଆଜିକାଲି ପ୍ରତ୍ୟେକ ଭାଷାରେ ଏହି କଥିତ ପ୍ରବଚନକୁ ସ୍ଥାୟୀ ଭାବରେ ସଂଗ୍ରହ କରି ଲିପି-ବଦ୍ଧ କରି ରଖିବା ପାଇଁ ଆଗ୍ରହ ଦେଖାଦେଇଛି । ଫଳରେ ଏହି ଲିପିବଦ୍ଧ ପ୍ରବଚନଗୁଡ଼ିକର ବିଭାଗୀକରଣ କରିବା ଓ ସାମାଜିକ ପରିସର ଭିତରେ ସେଗୁଡ଼ିକର ସବିଶେଷ ଆଲୋଚନା କରିବା ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇପାରିଛି । ଓଡ଼ିଆରେ ସଂଗୃହୀତ ପ୍ରବଚନ ଭିତରୁ କେତୋଟିର ସୂଚନା ବିଭାଗ ଅନୁସାରେ ନିମ୍ନରେ ଦିଆଗଲା । କିନ୍ତୁ ପ୍ରବଚନର ବିଭାଗୀକରଣ ପାଇଁ କୌଣସି ପ୍ରବଚନକୁ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ବିଭାଗର ବୋଲି କହିବା କଷ୍ଟକର । ତଥାପି ବିଭିନ୍ନ ପ୍ରକାରର ପ୍ରବଚନକୁ ଆଖି ଆଗରେ ରଖି ସେଗୁଡ଼ିକର ବିଭାଗୀକରଣ କରାଯାଇଛି ।

୩. ୪. ୧. [ଅନୁଶୀଳନୀ (ଗ) : ଉପର ପରିଚ୍ଛେଦକୁ ପଢ଼ି ବୁଝିପାରିଲେ କି ନାହିଁ ନିଜକୁ ପରୀକ୍ଷା କରି ଜାଣିବାକୁ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅନ୍ତୁ ।

**ପ୍ରଶ୍ନ :** ୧. ପ୍ରବଚନ ବ୍ୟବହାରର ମୂଳ ଉଦ୍ଦେଶ୍ୟ କ'ଣ ?

୨. ପ୍ରବଚନର ସୃଷ୍ଟି କେଉଁଥିରୁ ହୋଇଥାଏ ?

୩. ପ୍ରବଚନଗୁଡିକ ଅପରିବର୍ତ୍ତିତ କି ?

୪. ଆଜିକାଲି ପ୍ରବଚନଗୁଡିକୁ କାହିଁକି ସଂଗ୍ରହ କରାଯାଉଛି ?

୫. ପ୍ରବଚନର ବ୍ୟବହାର ବିଷୟରେ ନିଜେ ଯାହା ଜାଣନ୍ତି ଲେଖନ୍ତୁ ।]

**କେତେକ ପ୍ରବଚନର ସଂଗ୍ରହ :**

୧. ଅନୁଭୂତି ଓ ଉପଦେଶ

(କ) ଅକାଳେ ନିୟମ ନାସ୍ତି

(ଖ) ନିଆଁ ନ ଥିଲେ ଧୂଆଁ ବାହାରେ ନାହିଁ

(ଗ) ସବୁ ଯାଉ ମହତ ଥାଉ, ମହତ ଗଲେ ନ ମିଳେ ଆଉ

(ଘ) ଯେଉଁଠି ଠିକନ୍ତି, ସେଇଠି ଶିଖନ୍ତି

୨. କର୍ମ ଓ ଅଦୃଷ୍ଟ

(କ) କପାଳ ଲିଖନ କେ କରିବ ଆନ ?

(ଖ) ଅରକ୍ଷିତକୁ ଦଇବ ସାହା

(ଗ) ଯେଣେ ଇଚ୍ଛା ତେଣେ ଯା
ଆୟୁଷ ଘେନି ବୁଲୁଥା

(ଘ) କାହାର ପୁଷମାସ, କାହାର ସର୍ବନାଶ

୩. ଜାତି-ଧର୍ମ ଓ ଦେଶ କାଳ ପାତ୍ର ବିଚାର

(କ) ଖାଇଲେ ଜାତି ଯାଏ ନାହିଁ, କହିଲେ ଜାତି ଯାଏ

(ଖ) ଏକ ଦେଶର ଗାଳି, ଅନ୍ୟ ଦେଶର ବୋଲି

(ଗ) ଦେଶକେ ଫାଙ୍କ, ନଈକେ ବାଙ୍କ

(ଘ) ଯେ ପକ୍ଷୀ ଉଡେ ଯେତେ ଦୂର
ସେ ଜାଣେ ତହିଁର ବେଭାର

୪. ଦୋଷ-ଗୁଣ ଓ ପାପ-ପୁଣ୍ୟ ବିଚାର

(କ) ଗୁଣ ଚିହ୍ନେ ଗୁଣିଆ, ସୁନା ଚିହ୍ନେ ବଣିଆ

(ଖ) ତୁଳସୀ ଦୁଇପତ୍ରରୁ ବାସେ

(ଗ) ଧର୍ମର ଜୟ, ପାପର କ୍ଷୟ

(ଘ) ଦେବାଠାରୁ ପୁଣ୍ୟ ନାହିଁ, ମାଗିବାଠାରୁ ହୀନ ନାହିଁ

୫. ସାମାଜିକ ଚଳଣି

(କ) କହିବା ଲୋକ ବଡ ନୁହଁ
ସହିବା ଲୋକ ବଡ଼

(ଖ) ଦି ଜଣଙ୍କର କଳିରେ ତୃତୀୟ ଜଣର ଲାଭ

(ଗ) ତିନି ତୁଣ୍ଡରେ ଛେଳି କୁକୁର

(ଘ) ଯେତେ ପୁଅ ସେତେ ଘର
ଯେତେ କନିଆଁ ସେତେ ବର ।

୩. ୪. ୨. [ଅନୁଶୀଳନୀ (ଘ) :

୧. ମୂଳପାଠଟିକୁ ଭଲଭାବରେ ପଢ଼ି ନିମ୍ନଲିଖିତ ପ୍ରଶ୍ନଗୁଡିକର ଉତ୍ତର ଦିଅନ୍ତୁ ।

(କ) ଭାଷାରେ ରୂଢି ଓ ପ୍ରବଚନ ବ୍ୟବହାର ଦ୍ୱାରା କି ଲକ୍ଷ୍ୟ ସାଧିତ ହୁଏ ?

(ଖ) ରୂଢିର କେତେ ପ୍ରକାର ପ୍ରୟୋଗ ଅଛି ଉଦାହରଣ ସହ ଲେଖ ।

(ଗ) ପ୍ରବଚନର ବ୍ୟବହାର ନଥିଲେ ଭାଷାର କି କ୍ଷତି ହୁଅନ୍ତା ?

(ଘ) ରୂଢି ବା ପ୍ରବଚନର ବ୍ୟବହାର ଚିରସ୍ଥାୟୀ କି ?

(ଙ) କ୍ରିୟାପଦ ସହିତ କିପରି ରୂଢି ପ୍ରୟୋଗ ହୁଏ ଉଦାହରଣ ସହ ଲେଖନ୍ତୁ ।

(ଚ) ଶବ୍ଦ ସନ୍ଧି ଦ୍ୱାରା ରୂଢି ପ୍ରୟୋଗର ପାଞ୍ଚୋଟି ଉଦାହରଣ ଦିଅନ୍ତୁ ।

(ଛ) ସମାଜର ଚଳଣିକୁ ଲକ୍ଷ୍ୟ କରି ବ୍ୟବହାର କରାଯାଉଥିବା ଦୁଇଟି ପ୍ରବଚନ ଲେଖନ୍ତୁ ।

(ଜ) "ଦେଶକେ ଫାଙ୍କ, ନଈକେ ବାଙ୍କ" ପ୍ରବଚନର ଅର୍ଥ କ'ଣ ଜାଣନ୍ତି କି ?

(ଝ) "ଦି ଜଣଙ୍କ କଳିରେ ତୃତୀୟ ଜଣର ଲାଭ" ପ୍ରବଚନକୁ ଅନୁସରଣ କରି ଗୋଟିଏ ଗପ ଲେଖନ୍ତୁ ।

(ଞ) "ତୁଳସୀ ଦୁଇ ପତ୍ରରୁ ବାସେ" କାହିଁକି କୁହାଯାଏ ?

୨. ଯେ କୌଣସି ଦୁଇଟିର ଭାବ ସମ୍ପ୍ରସାରଣ କରନ୍ତୁ ।

(କ) ଗ୍ଳାନି ନଜାଣି ବାଟର ଦୋଷ
(ଖ) ଅତି ଚିପୁଡ଼ିଲେ ଲେମ୍ବୁ ପିତା
(ଗ) କହି ଜାଣିଲେ କଥା ସୁନ୍ଦର
(ଘ) ତିନି ତୁଣ୍ଡରେ ଛେଳି କୁକୁର

୩. ବାକ୍ୟରେ ବ୍ୟବହାର କରନ୍ତୁ ।

(କ) ଦେହସୁହା, ଦେଶକାଳ, ଲିପିବଦ୍ଧ, ଘଷିମାଜି, ଜାତିଧର୍ମ
(ଖ) ଗୋଟିଏ ଗୁଡ଼ଳରେ ଗଢ଼ା, ଛେନାରୁ ଚୋପା ଛଡ଼ାଇବା, ମନମାରି ବସିବା, ପୋଥିରେ ଡୋର ବାନ୍ଧିବା, ବୁଦ୍ଧି ଶିଖିବା

୪. ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ପଢ଼ ।  ମୂଳପାଠକୁ ଅନୁସରଣ କରି ସେଇ ବାକ୍ୟରେ କୁହାଯାଇଥିବା କଥାଟି ଠିକ୍ ବା ଭୁଲ ଦେଖ । ଯଦି ଠିକ ତେବେ 'ଠିକ୍' ଜାଗାରେ √ ଚିହ୍ନ ଏବଂ ଯଦି ଭୁଲ ତେବେ 'ଭୁଲ' ଜାଗାରେ √ ଚିହ୍ନ ଦିଅ ।

(କ) ରୂଢ଼ି ପ୍ରୟୋଗର ଭାଷା ଗଠନ ସହିତ କୌଣସି ସମ୍ପର୍କ ନାହିଁ । × / √

(ଖ) ପ୍ରବଚନର କେବଳ ଭାଷା ସହିତ ସମ୍ପର୍କ । × / √

(ଗ) ରୂଢ଼ି ଓ ପ୍ରବଚନ ଉଭୟ ଭାଷାର ମୂଲ୍ୟବାନ ସମ୍ପଦ । × / √

(ଘ) ଶବ୍ଦ-ସନ୍ଧିରେ ରୂଢ଼ି ପ୍ରୟୋଗ ଦ୍ୱାରା ଭାଷା ବିକୃତ ହୁଏ । × / √

(ଙ) ରୂଢ଼ି ପ୍ରୟୋଗ ଦ୍ୱାରା ଭାଷା ସମୃଦ୍ଧ ହୁଏ । × / √

(ଚ) ପ୍ରବଚନ ବ୍ୟବହାରରୁ ଏକ ସମାଜର ଦୋଷଗୁଣକୁ ଚିହ୍ନି ହୁଏ । × / √

(ଛ) ଓଡ଼ିଆ ପ୍ରବଚନ ଓଡ଼ିଆ ସାହିତ୍ୟର ଏକ ବିଶେଷ ଅଙ୍ଗ । × / √

(ଜ) ରୂଢ଼ି ଓ ପ୍ରବଚନ ଭିତରେ କୌଣସି ପାର୍ଥକ୍ୟ ନାହିଁ । × / √

(ଝ) ପ୍ରବଚନକୁ ଓଡ଼ିଆରେ ଢଗ ମଧ୍ୟ କହନ୍ତି । × / √

(ଞ) ଭାଷା ମଣିଷର ମନର ଭାବକୁ ପ୍ରକାଶ କରିପାରେ ନାହିଁ । × / √

୫. ନିମ୍ନରେ ଦିଆଯାଇଥିବା ଅସମ୍ପୂର୍ଣ୍ଣ ବାକ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କରିବାକୁ ପ୍ରତ୍ୟେକ ବାକ୍ୟରେ ନିମ୍ନରେ ଦିଆଯାଇଥିବା ଉତ୍ତରଗୁଡ଼ିକ ମଧ୍ୟରୁ ଠିକ ଉତ୍ତରଟି ବାଛନ୍ତୁ । ଯେଉଁ ଉତ୍ତରଟି ଠିକ କେବଳ ସେଇଥିରେ √ ଚିହ୍ନ ଦିଅନ୍ତୁ ।

(କ) ରୂଢ଼ି ପ୍ରୟୋଗରେ ଲୋକେ—ଲଙ୍ଘନ କରି ଯାଆନ୍ତି ।
(କ) ବ୍ୟାକରଣ ବହିକୁ
(ଖ) ରୂଢ଼ିର ନିୟମକୁ
(ଗ) ଭାଷାର ନିୟମକୁ
(ଘ) ପ୍ରବଚନକୁ

(ଖ) ପ୍ରବଚନରେ—ପ୍ରତିଫଳନକୁ ଦେଖିବାକୁ ମିଳେ ।
- (କ) ଭାଷା ଓ ସାହିତ୍ୟର
- (ଖ) ସାମାଜିକ ଜୀବନଧାରାର
- (ଗ) ବ୍ୟଙ୍ଗ ବିଦ୍ରୂପର
- (ଘ) ହସ ଖୁସିର

(ଗ) ପୁଅକୁ ବାହା କରିଦିଅ । ତା' — ।
- (କ) ହାତଗୋଡ଼ ଧରିବ
- (ଖ) ମନ ଘର ଧରିବ
- (ଗ) ମନ ପିତା ଲାଗିବ
- (ଘ) ଟଙ୍କା ଖର୍ଚ୍ଚ ହେବ

(ଘ) ସେ କାହିଁକି ଏମିତି ଉତ୍ପାତ କରୁଛି ? ତାକୁ ଆଚ୍ଛା କରି ଦିଟା — ଦେଇ ଦଉନ ।
- (କ) ଭଲମନ୍ଦ
- (ଖ) ଟଙ୍କା ପଇସା
- (ଗ) ଉତ୍ତମ ମଧ୍ୟମ
- (ଘ) ଫଳମୂଳ

(ଙ) ଏଥର ତମେ ଠିକ ବୁଝି ଶିଖିବ ଯେ । କଥାରେ କହନ୍ତି ନି — ।
- (କ) ଅକାଳେ ନିୟମ ନାସ୍ତି
- (ଖ) କପାଳ ଲିଖନ କେ କରିବ ଆନ
- (ଗ) ସବୁ ଯାଉ ମହତ ଥାଉ
- (ଘ) ଠିକିଲେ ଯାଇ ଶିଖନ୍ତି]

୬. ଓଡ଼ିଆ ଭାଷାରେ ବ୍ୟବହୃତ କେତୋଟି ରୂଢ଼ି 'କ' ଓ 'ଖ' ବିଭାଗ କ୍ରମରେ ନିମ୍ନରେ ଦିଆ-ଯାଇଛି । କିନ୍ତୁ ସେଗୁଡ଼ିକ ଓଲଟ ପାଲଟ ହୋଇଯିବା ଫଳରେ ଠିକ ଅର୍ଥ ପ୍ରକାଶ ପାଉ-ନାହିଁ । ଯେଉଁ ଶବ୍ଦ ଯେଉଁ ଶବ୍ଦ ସହିତ ଯୋଗ ହୋଇ ଠିକ ଅର୍ଥ ପ୍ରକାଶ କରିବ ସେଗୁଡିକ ସଜାଡ଼ି ଲେଖନ୍ତୁ ।

| (କ) | (ଖ) |
|---|---|
| କଳିଦେବା | ବିରାଡ଼ି ମଧ୍ୟମ |
| ଚିତା ମାରିବା | ନଛୋଡ ଗୋବର୍ଦ୍ଧନ |
| ନାଁ ମାଡ଼ିବା | ଅକାଳ ସଲମି |
| ଘିଅ କାଟିବା | ଗୋବର ଗଣେଶ |
| ହସ ରଖିବା | ଅର୍ଦ୍ଧ ଗଣେଶ |
| ଓ୍ୱେର ଭାଙ୍ଗିବା | ଗଜ ବୈଷ୍ଣବ |
| ମୁଣ୍ଡ ପଡ଼ିବା | ସମୁଦ୍ରକୁ ମୂର୍ଖ |
| ପିଠିରେ ବାନ୍ଧିବା | ଅକଲ କୁଷ୍ମାଣ୍ଡ |
| ଲାଞ୍ଚ ଲାଗିବା | ନାଟର ବନ୍ଧା |
| ଘର ଧରିବା | ଉତ୍ତମ ଚନ୍ଦ୍ର |

୭. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ପ୍ରୟୋଗଟି ବାଛି ଶୂନ୍ୟସ୍ଥାନ ପୂରଣ କର ।

(କ) କାଲିଠୁ ମୋର — । (ରୁହିଁ ବସିଛି / ତର୍ଷି ବସିଛି / ଘରେ ବସିଛି)

(ଖ) ଏତେ ବେଳକେ ତୋ — । (ରାସ୍ତା ପଡ଼ିଲା / ଉଠି ପଡ଼ିଲା / ପାଳି ପଡ଼ିଲା)

(ଗ) ତମ ଆଖି କ'ଣ — ? (ଫାଟି ଯାଇଛି / ଫିଟି ରହୁଛି / ଫୁଟି ଯାଇଛି)

(ଘ) ତୋ — ଏତେ ଦିନ ଲାଗିଲା ? (ଅଣ୍ଟା ଭାଙ୍ଗିବାରୁ / ନିଦ ଭାଙ୍ଗିବାକୁ / ଅଳସ ଭାଙ୍ଗିବାରୁ)

(ଙ) ଗଛରୁ — ସେ ଖାଇଲା ।

ଘଷି ପାରି
ବଢ଼ି ପାରି
ଆଡ ପାରି

୮. ମୂଳପାଠରେ ଥିବା କେତୋଟି ବାକ୍ୟ ତଳେ ଦିଆଯାଇଛି । ପ୍ରତି ବାକ୍ୟର ଶୂନ୍ୟସ୍ଥାନରେ ମୂଳପାଠରୁ ଠିକ ଶବ୍ଦଟି ବାଛି ବାକ୍ୟଟି ପୂର୍ଣ୍ଣ କରି ଲେଖ ।

(କ) ଏହି — ଦୁଇଟି ପ୍ରଧାନ ଅଂଶ ସେଇ ଭାଷାରେ ବ୍ୟବହୃତ ରୂଢ଼ି ଓ ପ୍ରବଚନ ।
(ଖ) ରୂଢ଼ି ଲୋକଙ୍କ — କାଳକ୍ରମେ ପ୍ରଚଳନକୁ ଆସିଥାଏ ।
(ଗ) ପ୍ରତ୍ୟେକ ଭାଷାରେ ଏ ପ୍ରକାର ବ୍ୟବହାର ସେଇ ଭାଷାର ସମ୍ପୂର୍ଣ୍ଣ ନିଜସ୍ୱ — ।
(ଘ) ପ୍ରତ୍ୟେକ ପ୍ରବଚନ ପଛରେ ଏକ — ସର୍ବଦା ଜଡ଼ିତ ଥାଏ ।
(ଙ) ପ୍ରକୃତରେ — ପ୍ରବଚନର ସୃଷ୍ଟି ।

୯. ନିମ୍ନରେ 'କ' ଓ 'ଖ' ବିଭାଗରେ କେତେକ ଶବ୍ଦ ଦିଆଯାଇଛି । 'କ' ବିଭାଗର ଯେଉଁ ଶବ୍ଦ ସହିତ 'ଖ' ବିଭାଗର ଶବ୍ଦର ସମ୍ପର୍କ ଅଛି ତାକୁ ଯୋଡ଼ି ଲେଖନ୍ତୁ ।

| (କ) | (ଖ) |
|---|---|
| ଭାବ | ଦିନିଆ |
| ଅର୍ଥ | ସୁନ୍ଦର |
| ସଂସ୍କାର | ଚଳଣି |
| ଦ୍ୱାରେ | ସ୍ମୃତି |
| ନିତି | ପୂର୍ଣ୍ଣ |
| ସର୍ବାଙ୍ଗ | ଜ୍ଞାନ |
| ଦ୍ୱାର | ଭଙ୍ଗୀ |
| ବୃଦ୍ଧ | ଦ୍ୱାରେ |
| ସାମାଜିକ | ଧର୍ମୀ |
| ଲୋକ | ଭଙ୍ଗୀ |

୧୦. "ନୀତିଗତ" ପରି "ଗତ" ଯୋଗକରି ଦୁଇଟି ଶବ୍ଦ ତିଆରି କରି ବାକ୍ୟରେ ବ୍ୟବହାର କରନ୍ତୁ ।

୧୧. ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକର ବନାନ ପରୀକ୍ଷା କରି ଭୁଲ ଥିଲେ ଠିକ୍ କରି ଲେଖନ୍ତୁ ।

(କ) ଅମୁଲ୍ୟ (ଖ) ଅପୂର୍ବ (ଗ) ଉପ୍ରତୀ (ଘ) ଅର୍ଥପୁଣ (ଙ) ଅନୂଭୁତି (ଚ) ଲକ୍ଷ୍ୟ
(ଛ) ତିକ୍ଷ୍ନ (ଜ) ମୁର୍ଖ (ଝ) ଉପଲକ୍ଷ (ଞ) ଉଦ୍ଦେଶ

## ୩.୫ ସାରାଂଶ

ପ୍ରତ୍ୟେକ ଭାଷାରେ ରୂଢ଼ି ଓ ପ୍ରବଚନର ବ୍ୟବହାର ବା ପ୍ରୟୋଗ ରହିଥିବା ଦେଖାଯାଏ । ଏଗୁଡ଼ିକର ବ୍ୟବହାର ଦ୍ୱାରା ଭାଷା ଭାବପୂର୍ଣ୍ଣ ଓ ଅର୍ଥପୂର୍ଣ୍ଣ ହୁଏ । ଓଡ଼ିଆ ଭାଷାରେ ବ୍ୟବହୃତ ରୂଢ଼ି ଓ ପ୍ରବଚନ ସମ୍ପର୍କରେ ଏହି ପ୍ରବନ୍ଧରେ ସବିଶେଷ ଆଲୋଚନା କରାଯାଇଛି । ରୂଢ଼ିର ପ୍ରୟୋଗ କିପରି ହୁଏ ଓ ପ୍ରବଚନର ବ୍ୟବହାର ସାମାଜିକ ପରିସର ଭିତରେ କିପରି କରାଯାଇପାରେ, ତାହାର ସୂଚନା ଦିଆଯାଇ ରୂଢ଼ି ଓ ପ୍ରବଚନ ମଧ୍ୟରେ ଥିବା ପାର୍ଥକ୍ୟକୁ ମଧ୍ୟ ସୂଚାଇ ଦିଆଯାଇଛି । ଭାଷାରେ ରୂଢ଼ି ପ୍ରୟୋଗର ଓ ପ୍ରବଚନ ବ୍ୟବହାରର କି କି ଆବଶ୍ୟକତା ରହିଛି ଓ ଏ ଦୁଇଟିର ବ୍ୟବହାର ଦ୍ୱାରା କି ଲକ୍ଷ୍ୟ ସାଧିତ ହୁଏ ତା ବୁଝାଇ କୁହାଯାଇଛି । ଓଡ଼ିଆ ଭାଷାରେ ରୂଢ଼ି ଓ ପ୍ରବଚନର ବହୁଳ ପ୍ରଚଳନ ଥିଲେ ମଧ୍ୟ ଏ ବିଷୟରେ ବିଶଦ୍ ଭାବରେ ଆଲୋଚନା ଅନ୍ୟ ବହିମାନଙ୍କରେ ଦେଖିବାକୁ ମିଳୁ ନଥିବାରୁ ଛାତ୍ରଛାତ୍ରୀମାନଙ୍କୁ ଏ ଦୁଇଟି ବିଷୟରେ କିଛି ବିଶେଷ ସୂଚନା ଓ ତଥ୍ୟ ଏ ପ୍ରବନ୍ଧରେ ରହିଛି ।

ଜୀବନର ସବୁ ଅବସ୍ଥାକୁ ନେଇ ରୂଢ଼ି ଓ ପ୍ରବଚନର ପ୍ରୟୋଗ ହୋଇପାରେ । କିନ୍ତୁ ଭାଷାର କଥିତ ରୂପରେ ଏଗୁଡ଼ିକ କ୍ରମେ ପ୍ରଚଳନକୁ ଆସିଥିବାରୁ ଏଗୁଡ଼ିକ କେବଳ ଲୋକ ମୁଖରେ ହିଁ ସଂରକ୍ଷିତ ହେଉଥିଲା କହିଲେ ଅତ୍ୟୁକ୍ତି ହେବନି । କିନ୍ତୁ ବର୍ତ୍ତମାନ ଭାଷା ବିଜ୍ଞାନର ଯୁଗରେ ଭାଷାର ବହୁ ଆଲୋଚନା ହେଉଥିବା ବେଳେ ରୂଢ଼ି ଓ ପ୍ରବଚନକୁ ସଂଗ୍ରହ କରି ଓ ଲିପିବଦ୍ଧ କରି ସେଗୁଡ଼ିକ ବିଷୟରେ ଅଧିକ ଆଲୋଚନା ଓ ଗବେଷଣା ପାଇଁ ଆଗ୍ରହ ପ୍ରକାଶ ପାଇଛି । ତେଣୁ ଛାତ୍ରଛାତ୍ରୀମାନଙ୍କୁ ଏହି ଆଲୋଚନା ଓ ଗବେଷଣା ପ୍ରତି ଆକୃଷ୍ଟ କରାଇ ସେମାନଙ୍କୁ ଏଥିପ୍ରତି ସଚେତନ କରାଇବା ପାଇଁ ଏ ପ୍ରବନ୍ଧରେ ଉଦ୍ୟମ କରାଯାଇଛି ।

## ୩.୬ ଶବ୍ଦାର୍ଥ

ରୂଢ଼ି—ବିଶେଷ ଅର୍ଥ ପ୍ରକାଶ କରୁଥିବା କ୍ରିୟାପଦ, ବାକ୍ୟାଂଶ ଓ ଭିନ୍ନାର୍ଥବୋଧକ ଶବ୍ଦସନ୍ଧି ।

ପ୍ରବଚନ—ପ୍ରବାଦ; ସରଳ ଭାବପୂର୍ଣ୍ଣ ଅନୁଭବ ଓ ଜଟିଳ ଅର୍ଥପୂର୍ଣ୍ଣ ଅଭିଜ୍ଞତାକୁ ପ୍ରକାଶ କରୁଥିବା ଗୋଟିଏ ଛୋଟ ବାକ୍ୟ ବା ଦୁଇ ବା ଗୁଡ଼ାଏଟି କ୍ଷୁଦ୍ର ବାକ୍ୟ ।

ଶବ୍ଦସନ୍ଧି—ଦୁଇ ବା ଅଧିକ ସମ୍ପୂର୍ଣ୍ଣ ଭିନ୍ନାର୍ଥବୋଧକ ଶବ୍ଦରେ ଗଠିତ ଶବ୍ଦ ।

ଗୂଢ଼ ଅର୍ଥ—ଲୁଚି ରହିଥିବା ଅର୍ଥ

## ୩.୭ ବ୍ୟାକରଣ ସୂଚନା

୧. ବିପରୀତାର୍ଥବୋଧକ ଶବ୍ଦ ଦ୍ୱାରା ଗଠିତ ନୂଆ ଶବ୍ଦ
ଛୋଟବଡ଼, ଦୋଷଗୁଣ, ସତମିଛ, ଭଲମନ୍ଦ

୨. ସମଅର୍ଥକ ଶବ୍ଦ ଦ୍ୱାରା ଗଠିତ ନୂଆ ଶବ୍ଦ
କଥାବାର୍ତ୍ତା, ଭାଷାଭାଷୀ, ଜାତିଧର୍ମ, ଦେଶକାଳ, ଘଷିମାଜି

୩. ନିମ୍ନଲିଖିତ ଶବ୍ଦଗୁଡ଼ିକର ଗଠନକୁ ଲକ୍ଷ୍ୟ କର ।
(କ) ଅର୍ଥପୂର୍ଣ୍ଣ, ଗୁରୁତ୍ୱପୂର୍ଣ୍ଣ, ଭାବପୂର୍ଣ୍ଣ, ଭାବପରିପୂର୍ଣ୍ଣ
(ଖ) ନୀତିଗତ, ଭାଷାଗତ, ଭାବଗତ
(ଗ) ସଂସ୍କାରଧର୍ମୀ, କବିତାଧର୍ମୀ, ପଦ୍ୟଧର୍ମ, ଜୀବନଧର୍ମୀ

୨. ରୂଢ଼ି ପ୍ରୟୋଗରେ କ୍ରିୟାପଦର ଗଠନ, ବାକ୍ୟାଂଶର ଗଠନ ଓ ଶବ୍ଦସନ୍ଧିର ଗଠନକୁ ଲକ୍ଷ୍ୟ କର ।

୩. ପ୍ରବଚନର ବାକ୍ୟଗଠନର ଶୈଳୀକୁ ଲକ୍ଷ୍ୟ କର ।

## ୩.୭ ପଠନ ଅଭ୍ୟାସ

୧. ତଳେ ଦିଆଯାଇଥିବା ପରିଚ୍ଛେଦଟିକୁ ମନଯୋଗ ସହକାରେ ପଢ଼ି ପରିଚ୍ଛେଦ ତଳେ ଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅନ୍ତୁ ।

"ଭାବପ୍ରକାଶ ପାଇଁ ଭାଷା ପ୍ରଧାନ ମାଧ୍ୟମ । ଏହା ଏକ ଅପୂର୍ବ ସୃଷ୍ଟି । ନିତିଦିନିଆ ସାଧାରଣ କଥାବାର୍ତ୍ତାଠାରୁ ଆରମ୍ଭ କରି ମନର ଗଭୀରତମ ଆବେଗକୁ ଭାଷା ମାଧ୍ୟମରେ ହିଁ ପ୍ରକାଶ କରିହୁଏ । ତେଣୁ ପ୍ରତ୍ୟେକ ଭାଷା ସେଇ ଭାଷାଭାଷୀ ଲୋକଙ୍କର ଅମୂଲ୍ୟ ସମ୍ପଦ । ଏହି ଭାଷା ସମ୍ପଦର ଦୁଇଟି ପ୍ରଧାନ ଅଂଶ ସେଇ ଭାଷାରେ ବ୍ୟବହୃତ ରୂଢ଼ି ଓ ପ୍ରବଚନ । ସାଧାରଣ ଲୋକେ କଥା କହିଲାବେଳେ ଯଥାସ୍ଥାନରେ ଉପଲକ୍ଷ୍ୟ ଦେଇ ଉଦାହରଣ ଛଳରେ ବହୁ ଗୁରୁତ୍ୱପୂର୍ଣ୍ଣ ଓ ଜଟିଳ ଭାବନାକୁ ଅତି ସହଜ ଓ ସ୍ୱାଭାବିକ ଭାବରେ ପ୍ରକାଶ କରି ଦିଅନ୍ତି । କଥାରେ ଉଦାହରଣ ଛଳରେ ଜଟିଳ ତଥା ଅର୍ଥପୂର୍ଣ୍ଣ ଭାବକୁ ପ୍ରକାଶ କରିବାର ଦୁଇଟି ସହଜ ବାଟ ହେଉଛି ରୂଢ଼ି ଓ ପ୍ରବଚନର ବ୍ୟବହାର । ରୂଢ଼ି ଓ ପ୍ରବଚନ ବ୍ୟବହାର ଦ୍ୱାରା ଭାବ ପ୍ରକାଶ କରିବା ସହଜ ହେବା ସଙ୍ଗେ ସଙ୍ଗେ ଭାଷାର ସ୍ୱାତନ୍ତ୍ର୍ୟ ଓ ମୌଳିକତା ରକ୍ଷା ହୁଏ । ଏହା ଦ୍ୱାରା ମୁଖ୍ୟତଃ ଦୁଇଟି ଉଦ୍ଦେଶ୍ୟ ସାଧିତ ହୋଇଥାଏ । ପ୍ରଥମ ଉଦ୍ଦେଶ୍ୟଟି ହେଲା ଭାଷାଗତ । ଅର୍ଥାତ୍ ରୂଢ଼ି ଓ ପ୍ରବଚନ ଦ୍ୱାରା ଭାଷା ସମୃଦ୍ଧ ହୁଏ, ଭାବ ପ୍ରକାଶ ପାଇଁ ଭାଷାର ଅନ୍ତର୍ନିହିତ ଶକ୍ତି ବୃଦ୍ଧି ପାଏ ଓ ଭାଷାରେ ଏକ ପ୍ରକାର ଛନ୍ଦମୟ କବିତାଧର୍ମୀ ସୌନ୍ଦର୍ଯ୍ୟ ପ୍ରକାଶ ପାଏ । ଦ୍ୱିତୀୟ ଉଦ୍ଦେଶ୍ୟଟି ଅଧିକ ବ୍ୟାପକ ଓ ସଂସ୍କାରଧର୍ମୀ । ଅର୍ଥାତ୍ ଯେଉଁ ବିଷୟ ବା ଘଟଣାକୁ ଉପଲକ୍ଷ୍ୟ କରି ଏହାର ପ୍ରୟୋଗ ହୋଇଥାଏ, ତାହାର ମୂଳ ଉଦ୍ଦେଶ୍ୟ ଦୋଷ ବା ଗୁଣର ଅବତାରଣା କରି ନୀତିଗତ ପରିବର୍ତ୍ତନ ଆଣିବା ଓ ଦୋଷ ସଂଶୋଧନ ଜରିଆରେ ସଂସ୍କାର ଘଟାଇବା ।"

**ପ୍ରଶ୍ନ** ୧. ଭାଷା ମାଧ୍ୟମରେ କ'ଣ ପ୍ରକାଶ କରିହୁଏ ?
୨. ସାଧାରଣ ଲୋକେ କଥା କହିଲାବେଳେ କ'ଣ କରନ୍ତି ?
୩. ରୂଢ଼ି ଓ ପ୍ରବଚନ ବ୍ୟବହାର ଦ୍ୱାରା କ'ଣ ରକ୍ଷା ହୁଏ ?
୪. ଭାଷାରେ ରୂଢ଼ି ଓ ପ୍ରବଚନ ବ୍ୟବହାର ଦ୍ୱାରା ଭାଷାଗତ କି ଉଦ୍ଦେଶ୍ୟ ସାଧିତ ହୁଏ ?

୧. ରୂଢ଼ି ଓ ପ୍ରବଚନ ବ୍ୟବହାରର ଦ୍ୱିତୀୟ ଉଦ୍ଦେଶ୍ୟଟି କ'ଣ ?

୨. 'ଛନ୍ଦପତନ', 'ଅର୍ଥପୂର୍ଣ୍ଣ ଅଭିଜ୍ଞତା', 'ସାଧାରଣ ଲୋକ ବିଶ୍ୱାସ', 'ସ୍ୱତଃସ୍ଫୂର୍ତ୍ତ'—ଏହି ଶବ୍ଦଗୁଡ଼ିକ ଯେଉଁ ପରିଚ୍ଛେଦରେ ଅଛି ସେ ପରିଚ୍ଛେଦଟିକୁ ଆଉଥରେ ଭଲକରି ପଢ଼ି ପରିଚ୍ଛେଦଟି ବିଷୟରେ ନିଜର ମନ୍ତବ୍ୟ ଦିଅନ୍ତୁ ।

୩. ମୂଳପାଠର ଯେଉଁ ପରିଚ୍ଛେଦରେ ରୂଢ଼ି ପ୍ରୟୋଗର ଉଦାହରଣ ଅଛି ସେ ପରିଚ୍ଛେଦଟିକୁ ଆଉଥରେ ଭଲ ଭାବରେ ପଢ଼ି ସେଥିରେ ଥିବା ରୂଢ଼ି ପ୍ରୟୋଗଗୁଡ଼ିକୁ ଅଲଗା ବାଛି ଲେଖନ୍ତୁ । ପରିଚ୍ଛେଦରେ କେତେ ପ୍ରକାରର ରୂଢ଼ି ପ୍ରୟୋଗର ଉଦାହରଣ ଦିଆଯାଇଛି କହିଲେ ?

୪. ମୂଳପାଠର ପଞ୍ଚମ ଓ ଷଷ୍ଠ ପରିଚ୍ଛେଦକୁ ପଢ଼ି ସେଥିରେ କେଉଁ ବିଷୟରେ ଆଲୋଚନା କରାଯାଇଛି ଲେଖନ୍ତୁ ।

୫. ମୂଳପାଠରେ "କବିତାଧର୍ମୀ" ପରି "ଧର୍ମୀ" ଶବ୍ଦ ଯୋଗ ହୋଇ ଆଉ କି କି ଶବ୍ଦର ବ୍ୟବହାର ହୋଇଛି ବାଛି ଲେଖନ୍ତୁ ।

**ଲିଖନ ଅଭ୍ୟାସ :**

୧. ନିମ୍ନଲିଖିତ ପରିଚ୍ଛେଦଟିରେ ରେଖାଙ୍କିତ ସ୍ଥାନରେ ଭୁଲ ଅଛି । ରେଖାଙ୍କିତ ସ୍ଥାନର ଭୁଲ ଠିକ କରି ପରିଚ୍ଛେଦଟିକୁ ନିର୍ଭୁଲ ଭାବରେ ଲେଖନ୍ତୁ ।

"ପ୍ରବଚନ ପରେ ଅର୍ଥପୂର୍ଣ୍ଣ କଥାଗୁଡ଼ିକର ମୂଳ କାହାର ବା ଏଗୁଡ଼ିକର ଉତ୍ପତ୍ତି ବିଷୟରେ ଭୁଲ କରି କିଛି କହିବା ସମ୍ଭବ ନୁହେଁ । କେତେକଙ୍କ ମତରେ ଏମାନଙ୍କର ଆରମ୍ଭ ଲୋକ ସାହିତ୍ୟକୁ ଏବଂ ଲିଖିତ ସାହିତ୍ୟ ପ୍ରଚଳନ ହେବାର ବହୁ ପୂର୍ବକୁ ଜନସାଧାରଣଙ୍କ ନିତିଦିନିଆ ଜୀବନରେ ବ୍ୟବହୃତ ଭାଷାର କଥିତ ରୂପ ପାଇଁ ଏଗୁଡ଼ିକ କାଳକ୍ରମେ ସୃଷ୍ଟି ହେବ । ଆଉ କେତେକଙ୍କ ମତରେ ପ୍ରବଚନର ମୂଳ ଜାଣିବା ସମ୍ଭବ ନାହିଁ । ପ୍ରକୃତରେ ଲୋକଜୀବନରୁ ପ୍ରବଚନର ସୃଷ୍ଟି ଏବଂ ଲୋକଜୀବନ ଠାରୁ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ଥାଏ । ଜୀବନର ପରିବର୍ତ୍ତନ ଭିତର ଦେଇ ଏଗୁଡ଼ିକ ଘଷିମାଜି ଯାଇ କାଳକ୍ରମେ ପରିବର୍ତ୍ତିତ ହେଉଥାନ୍ତା । ଏଣୁ କୁହାଯାଇପାରେ ଯେ ପ୍ରବଚନ ସବୁ ସ୍ଥାୟୀ ନାହିଁ, ବରଂ ଏଗୁଡ଼ିକ କାଳକ୍ରମେ ଯୁଗ ପରିବର୍ତ୍ତନ ସହିତ ସମତାଳ ରଖି ପରିବର୍ତ୍ତିତ ଓ ପରିବର୍ଦ୍ଧିତ । ତେବେ ପୃଥିବୀରେ ଯାହା କେତୁଟା ଚିରନ୍ତନ ସ୍ଥାୟୀ ଭାବନା ଓ ଅନୁଭୂତି ରହିଛି ସେଗୁଡ଼ିକ ସହିତ ଜଡ଼ିତ ଥିବାକୁ ପ୍ରବଚନକୁ ଦେଶ କାଳ ତଥା ଜାତି ଧର୍ମ ଭାଷା ନିର୍ବିଶେଷରେ ସ୍ଥାୟୀ ଭାବରେ ପ୍ରଚଳନ ହେବାର ଦେଖିବା ମିଳିଥାଉ ।

୨ ପ୍ରବନ୍ଧରେ ବ୍ୟବହୃତ କେତୋଟି ଶବ୍ଦ ତଳେ ଦିଆଯାଇଛି । ପ୍ରତ୍ୟେକ ଶବ୍ଦର ୩ଟି କରି ସମଅର୍ଥକ ଶବ୍ଦ ବନ୍ଧନୀ ଭିତରେ ଦିଆଯାଇଛି । ପ୍ରବନ୍ଧରେ ବ୍ୟବହୃତ ଶବ୍ଦର ଅର୍ଥ ସହିତ କେଉଁ ସମଅର୍ଥକ ଶବ୍ଦଟି ନିକଟତମ ଲେଖନ୍ତୁ ।

(କ) ଉଦ୍ଦେଶ୍ୟ — [ମତଲବ, ଇଚ୍ଛା ଲକ୍ଷ୍ୟ]
(ଖ) ଗଠନ — [ରଚନା, ଗଢ଼ଣ, ଚେହେରା]
(ଗ) ପ୍ରୟୋଜନ— [କାରଣ, ଦରକାର, କାମ]
(ଘ) ଜଟିଳ — [କଠିନ, ଗୋଳମାଳିଆ, ଦୁର୍ବୋଧ୍ୟ]
(ଙ) ଚଳଣି — [ପ୍ରଚଳନ, ଆଚରଣ, ଜୀବନଧାରା]

୩. ପ୍ରବନ୍ଧର ପଞ୍ଚମ ଓ ଷଷ୍ଠ ପରିଚ୍ଛେଦକୁ ପଢ଼ି ନିଜର ମନ୍ତବ୍ୟ ଲେଖନ୍ତୁ ।

୪. ପ୍ରବନ୍ଧରେ ଦିଆଯାଇଥିବା ଯେକୌଣସି ୨ଟି ପ୍ରବଚନର ଉଦାହରଣ ସହ ଭାବ ସମ୍ପ୍ରସାରଣ କରନ୍ତୁ ।

## ୩.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

ଅନୁଶୀଳନୀ (କ) :

୧. ନିତିଦିନିଆ ସାଧାରଣ କଥାବାର୍ତ୍ତାଠାରୁ ଆରମ୍ଭ କରି ମନର ଗଭୀରତମ ଆବେଗକୁ ଭାଷା ମାଧ୍ୟମରେ ପ୍ରକାଶ କରାଯାଇପାରେ ବୋଲି ଭାଷାକୁ ଅମୂଲ୍ୟ ସମ୍ପଦ ବୋଲି କୁହାଯାଇଛି ।

୨. ରୂଢ଼ି ଓ ପ୍ରବଚନ ବ୍ୟବହାର କରି ଲୋକେ ଅତି ଗୁରୁତ୍ୱପୂର୍ଣ୍ଣ ଓ ଜଟିଳ ଭାବନା ତଥା ଅନୁଭବକୁ ଅତି ସହଜ ଓ ସ୍ୱାଭାବିକ ଭାବରେ ପ୍ରକାଶ କରିପାରନ୍ତି ।

୩. ରୂଢ଼ି ଓ ପ୍ରବଚନ ବ୍ୟବହାରର ପ୍ରଥମ ମୁଖ୍ୟ ଉଦ୍ଦେଶ୍ୟଟି ଭାଷାଗତ । ଏହା ଦ୍ୱାରା ଭାଷା

ସମୃଦ୍ଧ ହୁଏ, ଭାଷାର ଅନ୍ତର୍ନିହିତ ଶକ୍ତି ବୃଦ୍ଧିପାଏ ଓ ଭାଷାରେ ଏକ ପ୍ରକାର ଛନ୍ଦମୟ କବିତାଧର୍ମୀ ସୌନ୍ଦର୍ଯ୍ୟ ପ୍ରକାଶ ପାଏ । ରୂଢ଼ି ଓ ପ୍ରବଚନ ବ୍ୟବହାରର ଦ୍ୱିତୀୟ ମୁଖ୍ୟ ଉଦ୍ଦେଶ୍ୟଟି ଅଧିକ ବ୍ୟାପକ ଓ ସଂସ୍କାରଧର୍ମୀ । ଏହାଦ୍ୱାରା କୌଣସି ଘଟଣା ବା ଚରିତ୍ରକୁ ଉପଲକ୍ଷ୍ୟ କରି ତାହାର ଦୋଷ ବା ଗୁଣର ଅବତାରଣା କରି ସେଇ ଘଟଣା ବା ଚରିତ୍ରର ନୀତିଗତ ପରିବର୍ତ୍ତନ ଆଣିବା ଓ ଦୋଷ ସଂଶୋଧନ ଜରିଆରେ ଆବଶ୍ୟକ ପରିବର୍ତ୍ତନ ଓ ସଂସ୍କାର ଘଟାଇବା ।

୪. କୌଣସି ବାକ୍ୟାଂଶ ବା ଶବ୍ଦସନ୍ଧି ପ୍ରୟୋଗ ଦ୍ୱାରା ଏକ ବିଶେଷ ଗୂଢ଼ ଅର୍ଥ ପ୍ରକାଶ ପାଇଲେ ତାହାକୁ ରୂଢ଼ି ପ୍ରୟୋଗ ବୋଲି କୁହାଯାଏ । ରୂଢ଼ି ଲୋକଙ୍କ କଥାରୁ ତଥା ଭାବ ପ୍ରକାଶର ଆବଶ୍ୟକତାରୁ ଉତ୍ପନ୍ନ ହୋଇ ପ୍ରଚଳନକୁ ଆସିଥାଏ ।

୫. ଲୋକେ କଥା କହିଲାବେଳେ ନିଜ ଭାବ ପ୍ରକାଶର ଆବଶ୍ୟକତା ଦୃଷ୍ଟିରୁ ଅନେକ ସମୟରେ ଭାଷାର ଗଠନ ନିୟମ ବା ବ୍ୟାକରଣର ନିୟମକୁ ଅତିକ୍ରମ କରି ଯାଆନ୍ତି । ଫଳରେ ଭାବ ପ୍ରକାଶର ଆବଶ୍ୟକତା ପାଇଁ ଭାଷା ନିୟମ ଲଙ୍ଘନ କରାଯାଇଥିବା ବିଶେଷ ଅର୍ଥପୂର୍ଣ୍ଣ କଥାକୁ ଭାଷାରେ ଗ୍ରହଣ କରି ନିଆଯାଏ ଓ ପରେ ଏହା ଭାଷାର ଏକ ବିଶେଷ ଅଙ୍ଗ ହୋଇପଡ଼େ । ଏଣୁ ରୂଢ଼ି ପ୍ରୟୋଗ କରିବାକୁ ପଡ଼ିଥାଏ ।

୬. ବାନ୍ଧିବା—ଘର ବାନ୍ଧିବା, ଦମ୍ଭ ବାନ୍ଧିବା
ମାରିବା—ଘିଅ ମାରିବା, ଲୁଣ ମାରିବା
ପାରିବା—ଆମ୍ଭ ପାରିବା, ବଡ଼ି ପାରିବା
ଲାଗିବା—ଭୂତ ଲାଗିବା, ପିତା ଲାଗିବା
ମାଡ଼ିବା—ହସ ମାଡ଼ିବା, ନିଦ ମାଡ଼ିବା

୭. ଅହିନକୁଳ ସମ୍ପର୍କ, ସ୍ୱେରମନ ସ୍ୱେର ଗର୍ଣ୍ଣରେ, ହାଟ ଭିତରେ ବ୍ରହ୍ମଜ୍ଞାନ, ନାଟର ଗୋବର୍ଦ୍ଧନ, ମେଣ୍ଢାବାଳ ଜଡ଼ାଡେଲ

୮. ଅକଲସଲାମି, ପୋଡ଼ାମୁହାଁ, ଗଜମୂର୍ଖ, ଅନ୍ଧର ଲଉଡ଼ି, ଦିଗ୍‌ଗଜ ପଣ୍ଡିତ

୯. ରୂଢ଼ିର ପ୍ରୟୋଗ ଠିକ୍ ଭାବରେ କରି ନ ଜାଣିଲେ ଭୟଙ୍କର ହାସ୍ୟାସ୍ପଦ ଓ ଅପଦସ୍ତ ଅବସ୍ଥାରେ ପଡ଼ିଯିବାର ଖୁବ୍ ସମ୍ଭାବନା ଥାଏ ।

୧୦. ଆକାଶପାତାଳ, ଘରଭଙ୍ଗା ଲୋକ, ଉଡ଼ାଖବର, କଂସାରୀ ଘରର ପାସ, ଭଙ୍ଗାମନ

ଅନୁଶୀଳନୀ (ଘ)

୪. (କ) ଭୁଲ (ଖ) ଭୁଲ (ଗ) ଠିକ (ଘ) ଭୁଲ (ଙ) ଠିକ (ଚ) ଠିକ (ଛ) ଠିକ (ଜ) ଭୁଲ (ଝ) ଠିକ (ଞ) ଭୁଲ

୫. (କ) ଭାଷାର ନିୟମକୁ
(ଖ) ସାମାଜିକ ଜୀବନଧାରାର
(ଗ) ମନ ଘର ଧରିବ
(ଘ) ଉତ୍ତମ ମଧ୍ୟମ
(ଙ) ଠିକିଲେ ଯାଇ ଶିଖନ୍ତି

୬. (କ) କଳି ଲାଗିବା, ଘର ଭାଙ୍ଗିବା, ଲାଞ୍ଚ ଦେବା, ସ୍ୱେର ଧରିବା, ମୁଣ୍ଡ ବାନ୍ଧିବା, ପିଠିରେ ପଡ଼ିବା, ହସ ମାଡ଼ିବା, ନାଁ ରଖିବା, ଘିଅ ମାରିବା, ଚିଡ଼ା କାଟିବା
(ଖ) ବିରାଡ଼ି ବୈଷ୍ଣବ, ଗଜମୂର୍ଖ, ଉତ୍ତମ ମଧ୍ୟମ, ଅର୍ଦ୍ଧଚନ୍ଦ୍ର, ସମୁଦ୍ରକୁ ଶଙ୍ଖେ, ଅକଲ ସଲାମି, ଗୋବର ଗଣେଶ; ଅକାଳ କୁଷ୍ମାଣ୍ଡ, ନାଟର ଗୋବର୍ଦ୍ଧନ, ନଛୋଡ଼ ବନ୍ଧା

୭. (କ) ତର୍ଣ୍ଣ ବସିଛି (ଖ) ପାଳି ପଡ଼ିଲା (ଗ) ଫୁଟି ଯାଇଛି (ଘ) ନିଦ ଭାଙ୍ଗିବାକୁ (ଙ) ଆତ ପାରି

୮. (କ) ଭାଷା ସମ୍ପଦର (ଖ) କହିବା କଥାରୁ (ଗ) ବୈଶିଷ୍ଟ୍ୟ (ଘ) ଏକ ଘଟଣା, ବର୍ଣ୍ଣନା ବା ଉପଲକ୍ଷ୍ୟ (ଙ) ଲୋକ ଜୀବନରୁ

୯. ଭାବପୂର୍ଣ୍ଣ, ସଂସ୍କାର ଧର୍ମୀ, ହାଡ଼େ ହାଡ଼େ, ବ୍ରହ୍ମଜ୍ଞାନ, ସାମାଜିକ ଚଳଣି, ଲୋକସ୍ମୃତି, ସର୍ବାଙ୍ଗ ସୁନ୍ଦର, ନିତିଦିନିଆ, ହାଡ଼ଭଙ୍ଗା, ଭାବଭଙ୍ଗୀ

୧୦. ଭାବଗତ, ଭାଷାଗତ

୧୧. (କ) ଅମୂଲ୍ୟ (ଖ) ଅପୂର୍ବ (ଗ) ଉପଲବ୍ଧି (ଘ) ଅର୍ଥପୂର୍ଣ୍ଣ (ଙ) ଅନୁଭୂତି (ଚ) ଲକ୍ଷ୍ୟ (ଛ) ତୀକ୍ଷ୍ଣ (ଜ) ମୂର୍ଖ (ଝ) ଉପଲକ୍ଷ୍ୟ (ଞ) ଉଦ୍ଦେଶ୍ୟ

ଲିଖନ ଅଭ୍ୟାସ :

୧. ପ୍ରବନ୍ଧର ପରିଚ୍ଛେଦଟିକୁ ଦେଖନ୍ତୁ ।

୨. (କ) ଲକ୍ଷ୍ୟ (ଖ) ଗଢ଼ଣ (ଗ) ଦରକାର (ଘ) ଦୁର୍ବୋଧ୍ୟ (ଙ) ଜୀବନଧାରା

## ୩.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ

୧. ଭାଷାରେ ରୂଢ଼ି ଓ ପ୍ରବଚନ କାହିଁକି ବ୍ୟବହୃତ ହୁଏ ?

୨. ରୂଢ଼ି ଓ ପ୍ରବଚନ ମଧ୍ୟରେ ଥିବା ପାର୍ଥକ୍ୟକୁ ଉଦାହରଣ ସହ ବୁଝାଇ ଲେଖନ୍ତୁ ।

୩. ପ୍ରବଚନର ଭାଷା ପଦ୍ୟଧର୍ମୀ କି ? କାରଣ ସହ ବୁଝାଇ ଲେଖନ୍ତୁ ।

୪. 'ତିନି ତୁଣ୍ଡରେ ଛେଳି କୁକୁର'—ଏହି ପ୍ରବଚନଟି କେଉଁ ଉଦ୍ଦେଶ୍ୟରେ ପ୍ରୟୋଗ କରାଯାଏ ?

୫. 'ଅକାଳେ ନିୟମ ନାସ୍ତି'—କାହିଁକି କୁହାଯାଏ ?

୬. ରୂଢ଼ି ଓ ପ୍ରବଚନ ପ୍ରବନ୍ଧଟି ପଢ଼ି ସେ ବିଷୟରେ ନିଜର ମତାମତ ୧୦ଟି ବାକ୍ୟରେ ଲେଖନ୍ତୁ ।

୭. କ୍ରିୟାପଦ ସହିତ ରୂଢ଼ି ପ୍ରୟୋଗ କରି ୫ଟି କ୍ରିୟାପଦକୁ ବାକ୍ୟରେ ବ୍ୟବହାର କରନ୍ତୁ ।

୮. ବାକ୍ୟରେ ବ୍ୟବହାର କରନ୍ତୁ—ଉତ୍ତମ ମଧ୍ୟମ, ଅର୍ଦ୍ଧଚନ୍ଦ୍ର, ଦେହସୁହା, ବିରାଡ଼ି ବୈଷ୍ଣବ; ଘୋଡ଼ାମୁହାଁ

୯. ଜୀବନଧର୍ମୀ ପରି 'ଧର୍ମୀ' ଯୋଗକରି ୫ଟି ଶବ୍ଦ ତିଆରି କରି ବାକ୍ୟରେ ବ୍ୟବହାର କରନ୍ତୁ ।

୧୦. ଭୁଲ ଥିଲେ ଠିକ କରନ୍ତୁ ।
(କ) ଧୁଁଆ (ଖ) ମୂର୍ଖ (ଗ) ଅଦ୍ରୁଷ୍ଟ (ଘ) ରୁଢ଼ି (ଙ) ସମ୍ପୁର୍ଣ୍ଣ